# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 June - 2024

### News Editor : *Tapan Kumar Moharana*

************************************

## ମୁଖ୍ୟ ସମ୍ବାଦ

- ଦେଶରେ ଆସନ୍ତା ଜୁଲାଇ ପହିଲାରୁ ଲାଗୁ ହେବ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ୍ ୨୦୨୩
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୧୧ତମ ମନ୍ କୀ ବାତ୍  ସଂସ୍କରଣ ଆସନ୍ତା ୩୦ ତାରିଖ ଦିନ ହେବ ପ୍ରସାରଣ
- ଜନସେବା କାର୍ଯ୍ୟକ୍ରମରେ ଅଧିକ ଲୋକଙ୍କୁ ଏକତ୍ରିତ କରିଥିବାରୁ ଲିମ୍କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲା ଭାରତୀୟ ରେଳ ମନ୍ତ୍ରଣାଳୟ

ଏବଂ

- ରାଜ୍ୟର ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ଆଜି ମଧ୍ୟ ଜାରି ରହିଛି ଗ୍ରୀଷ୍ମପ୍ରବାହ

## ନୂଆ ଫୌଜଦାରୀ ଆଇନ୍

ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ କେନ୍ଦ୍ର ସରକାର ୩ ନୂଆ ଆଇନ୍ ଆଣିଛନ୍ତି । ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଗତ ଡିସେମ୍ବର ୨୫ ତାରିଖରେ ଏହି ନ ନୂଆ ଆଇନ୍ ଭାରତ ସରକାରଙ୍କ ରାଜପତ୍ରରେ ପ୍ରକାଶ ପାଇଛି । ଆସନ୍ତା ମାସ ପହିଲାରୁ ଦେଶରେ ଏହି ୩ ନୂଆ ଅପରାଧ ଆଇନ ଲାଗୁ ହେବ । ୧୮୬୦ ମସିହାରୁ ପ୍ରଚଳିତ ହୋଇ ଆସୁଥିବା ଭାରତୀୟ ଦଣ୍ଡବିଧାନ ଆଇନ (ଆଇପିସି), ଅପରାଧିକ ଦଣ୍ଡ ସଂହିତା (ସିଆରପିସି) ୧୯୭୩ ଏବଂ ଭାରତୀୟ ପ୍ରମାଣ ଆଇନ୍ ୧୮୭୨କୁ ପରିବର୍ତ୍ତନ କରାଯାଇଛି । ଏଗୁଡ଼ିକ ସ୍ଥାନରେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୧୩ (ବିଏସ୍ଏ) ଲାଗୁ ହେବ । ତେବେ ନୂଆ ଆଇନ୍ ଓ ପୁରୁଣା ଆଇନ୍ ମଧ୍ୟରେ ଅନେକ ଫରକ ରହିଛି । ପୁରୁଣା ଆଇନର ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଉଥିଲା । ହେଲେ ନୂଆ ଆଇନ ବ୍ୟବସ୍ଥାରେ ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ମାନବାଧିକାର ଓ ତଦନ୍ତରେ କିଭଳି ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯିବ, ଆବଶ୍ୟକ ସମୟରେ କିପରି ଅଧିକ ଶକ୍ତି ବିନିଯୋଗ କରାଯିବ, ନୂଆ ଆଇନ୍‌ରେ ସେ ସବୁର ବ୍ୟବସ୍ଥା ରହିଛି ।

## ମନ୍ତ୍ରିମଣ୍ଡଳ-ବିଭାଗ ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ମନ୍ତ୍ରିମଣ୍ଡଳର ବିଭାଗ ବଣ୍ଟନ କରିଛନ୍ତି । ରାଜ୍ୟପାଳ ରଘୁବର ଦାସଙ୍କ ଅନୁମୋଦନ କ୍ରମେ ଗତକାଲି ଏନେଇ ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝି ଗୃହ, ଅର୍ଥ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ, ଯୋଜନା ଓ ସଂଯୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ନିଜ ପାଖରେ ରଖିଛନ୍ତି । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସହିତ ଶକ୍ତି ବିଭାଗ ଦାୟିତ୍ୱ ଦିଆଯାଇଥିବାବେଳେ, ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ମହିଳା ଓ ଶିଶୁବିକାଶ, ମିଶନଶକ୍ତି ଓ ପର୍ଯ୍ୟଟନ ବିଭାଗ ଦାୟିତ୍ୱ ମିଳିଛି । କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ମଧ୍ୟରୁ ସୁରେଶ ପୂଜାରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ରବିନାରାୟଣ ନାଏକଙ୍କୁ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ, ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଏବଂ ସଂଖ୍ୟାଲଘୁ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ, କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି, ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ମିଳିଛି ।

ସେହିଭଳି ଡକ୍ଟର ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, ବିଭୁତି ଭୂଷଣ ଜେନାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ବିଭାଗ ଦିଆଯାଇଛି ।

ଅନ୍ୟପକ୍ଷରେ, ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଦିଆଯାଇଥିବାବେଳେ ସୂର୍ଯ୍ୟବଂଶୀ ସୂରଜଙ୍କୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ

ଯୁବସେବା, ଓଡ଼ିଆ ଭାଷାସାହିତ୍ୟ ଏବଂ ସଂସ୍କୃତି ବିଭାଗ, ପ୍ରଦୀପ ବଳସାମନ୍ତଙ୍କୁ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଗୋକୁଳାନନ୍ଦ ମଲ୍ଲିକଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ସମ୍ପଦ ଚରଣ ସ୍ୱାଇଁଙ୍କୁ ଶିଳ୍ପ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦାୟିତ୍ୱ ମିଳିଛି । ନୂଆ ମନ୍ତ୍ରିମଣ୍ଡଳରେ କେବଳ କନକ ବର୍ଦ୍ଧନ ସିଂହଦେଓଙ୍କ ବ୍ୟତୀତ ଅନ୍ୟ ସମସ୍ତ ମନ୍ତ୍ରୀ ନୂଆକରି ଦାୟିତ୍ୱ ନେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମନ୍ତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟର ବିକାଶ ଏବଂ ରାଜ୍ୟବାସୀଙ୍କ କଲ୍ୟାଣ ଦିଗରେ ନୂତନ ମନ୍ତ୍ରୀମାନେ ପ୍ରତିବଦ୍ଧତାର ସହ ଦାୟିତ୍ୱ ସମ୍ପନ୍ନ କରିବାକୁ ମୁଖ୍ୟମନ୍ତ୍ରୀ ନୂଆ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧନ କରିବ। ଏହା ତାଙ୍କର ୧୧୧ ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ହେବ । ଏଥିପାଇଁ ନରେନ୍ଦ୍ର ମୋଦୀ ଆପ୍ କିମ୍ୱା My Gov Open Forumରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କଠାରୁ ଆସନ୍ତା ୨୮ ତାରିଖ ସୁଦ୍ଧା ମତାମତ ଆହ୍ୱାନ କରିଛନ୍ତି। ଏହାଛଡ଼ା ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦କୁ ଡାଏଲ କରି ସେମାନେ ସେମାନଙ୍କର ସନ୍ଦେଶ ହିନ୍ଦୀ କିମ୍ବା ଇଂରାଜୀରେ ରେକର୍ଡ କରିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନ ମାଧ୍ୟମରେ ତଥା AIR ନ୍ୟୁଜ୍ ୱେବ୍‌ସାଇଟ୍ newsonair

ମୋବାଇଲ୍ ଆପ୍‌ରେ ପ୍ରସାରଣ କରାଯିବ । AIR ନ୍ୟୁଜ୍, DD News ଏବଂ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତର ପ୍ରସାରଣ କରାଯିବ।

## ରେଳ ମନ୍ତ୍ରଣାଳୟ-ଲିମ୍‌କା ବୁକ୍ ରେକର୍ଡ

ଜନସେବା କାର୍ଯ୍ୟକ୍ରମରେ ଅଧିକ ଲୋକଙ୍କୁ ଏକତ୍ରିତ କରିବା ଲାଗି ଭାରତୀୟ ରେଳ ମନ୍ତ୍ରଣାଳୟକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ମିଳିଛି । ରେଳ ମନ୍ତ୍ରଣାଳୟ ଗତ ଫେବୃୟାରୀ ମାସ ୨୬ ତାରିଖରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ ୨ହଜାର ୧୪୦ଟି ସ୍ଥାନରେ ୪୦ଲକ୍ଷ ୧୯ହଜାର ୫୧୬ଜଣ ଲୋକ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସଡ଼କ ଉପରେ ରେଳ ଓଭରବ୍ରିଜ୍ ଏବଂ ସଡ଼କ ତଳେ ରେଳ ଅଣ୍ଡର ବ୍ରିଜ୍ ଉଦ୍‌ଘାଟନ ଏବଂ ରେଳ ଷ୍ଟେସନର ଶିଳାନ୍ୟାସ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭାରତୀୟ ରେଳ ମନ୍ତ୍ରଣାଳୟର ଲୋକମାନଙ୍କର ଏକତ୍ରୀକରଣ କାର୍ଯ୍ୟକ୍ରମକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସରେ ସାମିଲ କରାଯାଇଛି ।

## ଆୟକାରୀ ଷ୍ଟେସନ-ଓଡ଼ିଶା

ପୂର୍ବତଟ ରେଳପଥର ସର୍ବାଧିକ ଆୟ କରୁଥିବା ୨୦ଟି ଷ୍ଟେସନ ତାଲିକାରେ ପ୍ରଥମ ୫ଟି ଷ୍ଟେସନ ମଧ୍ୟରୁ ଓଡ଼ିଶାର ୪ଟି ଷ୍ଟେସନ ସ୍ଥାନ ପାଇଛି । ଗତ ଆର୍ଥିକ ବର୍ଷରେ ୨୦୨୩ ମସିହା ଏପ୍ରିଲ ମାସ ୧ ତାରିଖରୁ ୨୦୨୪ ମସିହା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଭୁବନେଶ୍ୱର

ରେଳଷ୍ଟେସନ ୪୯୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ଦ୍ୱିତୀୟ ସର୍ବାଧିକ ଆୟ କରୁଥିବା ଷ୍ଟେସନ ସ୍ଥାନ ପାଇଛି । ପୂର୍ବତଟ ରେଳବାଇର ବିଶାଖାପାଟନମ ରେଳ ଷ୍ଟେସନ ସର୍ବାଧିକ ଆୟ ତାଲିକାରେ ପ୍ରଥମ ସ୍ଥାନରେ ରହିଥିବା ଏକ ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି । ଗତ ଆର୍ଥିକ ବର୍ଷରେ ପୁରୀ ତୃତୀୟ, ବ୍ରହ୍ମପୁର ଚତୁର୍ଥ ଏବଂ କଟକ ପଞ୍ଚମ ସର୍ବାଧିକ ଆୟକାରୀ ଷ୍ଟେସନ ତାଲିକାରେ ରହିଥିବା ଜଣାପଡିଛି ।

## ପଙ୍କରେ ଫସିଲେ ୩ହାତୀ

କଟକ ଜିଲ୍ଲା ବଡମ୍ବା ବେଲିଆପାଳ ଖଲିଖାତରେ ୩ଟି ହାତୀ ପଙ୍କରେ ଫସିରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏମାନଙ୍କ ମଧ୍ୟରେ ୨ଟି ଦନ୍ତା ଏବଂ ଗୋଟିଏ ମାଈ ହାତୀ ଅଟକି ରହିଛନ୍ତି । ଘଟଣାସ୍ଥଳରେ ବନବିଭାଗ, ଦମକଳ, ପୋଲିସ୍ କର୍ମଚାରୀମାନେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି ।

# ବିଏଡ୍ ପ୍ରବେଶିକା ପରୀକ୍ଷା

ଜାତୀୟ ଶିକ୍ଷକ, ଅନୁସନ୍ଧାନ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ-ଏନ୍.ସି.ଆର୍.ଟିର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆଜି ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପରୀକ୍ଷା ଆଜି ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟାରେ ଶେଷ ହୋଇଛି । ବିଏଡ୍ ଏବଂ ଏମ୍ଏଡ୍‌ର ପାଠ୍ୟକ୍ରମ ପାଇଁ ଦେଶର ୨୯ଟି ସହରର ୫୮ଟି କେନ୍ଦ୍ରରେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ଓଡ଼ିଶାର ୫ଟି ସ୍ଥାନରେ ଆଜି ଏହି ବିଏଡ୍ ପ୍ରବେଶିକା ପରୀକ୍ଷା ହୋଇଥିଲା ।

## ରଜପର୍ବ

ରାଜ୍ୟର କୃଷିଭିତ୍ତିକ ରଜପର୍ବର ତୃତୀୟ ଦିନରେ ଆଜି ମଧ୍ୟ ଆନନ୍ଦ ଉତ୍ସବର ସହିତ ପାଳନ କରାଯାଉଛି । ଆସନ୍ତାକାଲି ବସୁମତି ସ୍ନାନ ପାଳନ କରାଯାଇ ରଜ ପର୍ବ ଶେଷ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଏଥିପାଇଁ ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି ।

## ରଜପର୍ବ-ସିଂହାସିନୀ ପୀଠ

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ କଷିପଡାସ୍ଥିତ ମା’ ସିଂହାସିନୀଙ୍କ ଶକ୍ତିପୀଠରେ ୩ ଦିନ ଧରି ରଜପର୍ବ ପାଳିତ ହେଉଛି। ରଜପର୍ବ ସମୟରେ ମା’ଙ୍କୁ ଦର୍ଶନ କଲେ ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଜିଲ୍ଲା ତଥା ଜିଲ୍ଲା ବାହାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ମାନସିକଧାରୀ ମା’ଙ୍କ ଦର୍ଶନ ସହ ମୁଣ୍ଡନ କରିଥାନ୍ତି। ଶକ୍ତିପୀଠରେ ବହୁସଂଖ୍ୟାରେ ଜନ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ଉଠିଲା ମାଛଧରା କଟକଣା

ଗଞ୍ଜାମ ଜିଲ୍ଲା ସମୁଦ୍ରତଟର ମତ୍ସ୍ୟଜୀବୀମାନେ ଦୀର୍ଘ ଦୁଇମାସରୁ ଅଧିକ ସମୟ ପରେ ଆଜି ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଛନ୍ତି। ମାଛମାନଙ୍କର ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏପ୍ରିଲ୍ ମାସ ୧୫ ତାରିଖରୁ ଗତ ଶୁକ୍ରବାର ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ଧରିବା ଉପରେ କଟକଣା ଜାରି କରାଯାଇଥିଲା। କେନ୍ଦ୍ର ସରକାରଙ୍କର ମତ୍ସ୍ୟସମ୍ପଦ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କଟକଣାକୁ ଉଠାଇ ଦିଆଯିବା ପରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଛନ୍ତି।

## ଅସୀଚାଳନା

ଓଡ଼ିଶା ଅସୀଚାଳନା ସଂଘ ଆନୁକୂଲ୍ୟରେ କଟକ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଚାଲିଥିବା ଜାତୀୟ ଅସୀଚାଳନା ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତାରେ ଓଡ଼ିଶା ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତିଯୋଗିତାରେ ଦୁଇଭଉଣୀ ସ୍ମୃତିପ୍ରଭା ଅରୁଣ ଏବଂ ଶ୍ରୁତିପ୍ରଭା ଅରୁଣ ପଦକ ହାସଲ କରିଛନ୍ତି।

# ପାଣିପାଗ

ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ ଗୁଡ଼ିକରେ ଗ୍ରୀଷ୍ମ ପ୍ରବାହର ପରିମାଣ ଅଧିକ ରହୁଥିବା ପାଣିପାଗ ବିଭାଗର ସୂଚନାରୁ ଜଣାପଡିଛି । ରାଜ୍ୟର ୧୭ଟି ସହରରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସରୁ ଅଧିକ ଥିଲା । ସୂଚନା ଅନୁସାରେ ସମ୍ବଲପୁର, ଝାରସୁଗୁଡା, ଅନୁଗୁଳ, ସୁନ୍ଦରଗଡ, ବଲାଙ୍ଗୀର, ସୋନପୁର, ବୌଦ୍ଧ ଏବଂ ନୂଆପଡାରେ ଆଜି ମଧ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଅନ୍ୟପକ୍ଷରେ ଆସନ୍ତାକାଲି ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷାର ସମ୍ଭାବନା ଅଛି । ଭୁବନେଶ୍ୱର ଏବଂ ଓଡ଼ିଶା ଉପକୂଳରେ ଚଳିତ ସପ୍ତାହର ଶେଷଆଡକୁ ମୌସୁମୀ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

******************************